ଜୟଗୁରୁ

ଚତୁର୍ଦଶ(ଜନ୍ମୋତ୍ସବ) ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୮-୨୨-୦୨

ପାଳିଆ - ରବି ତ୍ରିପାଠୀ

ସମୟ - ୯:୩୦-୧୦:୦୦ pm (**Eastern**)

୮:୩୦-୦୯:୦୦ pm (**Central**)

୬:୩୦-୦୭:୦୦ pm (**Pacific**)

Phone Number - 1-702-851-3330

Access Code - 52924878

୧) ଟେଲିଫୋନ୍‌ରେ ଯୋଗାଯୋଗ ପରେ ଜୟଗୁରୁ ପ୍ରେମସମ୍ଭାଷଣ — ୦୯:୩୦ - ୦୯:୩୨
୨) ଗୁର୍ବଷ୍ଟକଂ ଗାନ ପରେ ପରଦା ଉନ୍ମୋଚନ — ୦୯:୩୨ - ୦୯:୩୪
୩) ଶ୍ରୀଗୁରୁ ପ୍ରଣାମ — ୦୯:୩୪ - ୦୯:୩୬
୪) ଗୁରୁଗୀତା ପାଠ (ଶ୍ଳୋକ ୯ , ପୃଥୀରାଜ ଭାଇ) — ୦୯:୩୬ - ୦୯:୩୮
୫) ନିଗମ ଉପଦେଶ (ନବ ବର୍ଷର ଆଶୀର୍ବାଦ ୧-୪, ଦିପ୍ତୀ ମା) — ୦୯:୩୮ - ୦୯:୪୨
୬) ପ୍ରାର୍ଥନା ସଙ୍ଗୀତ (ଧନ୍ୟ ଧନ୍ୟ ଗୁରୁଦେବ, ଲୀନା ମା) — ୦୯:୪୨ - ୦୯:୪୭
୭) ଗୁରୁଗୀତା ପାଠ (ପୃଷ୍ଠା ୧୯-୨୪, ବିଶ୍ୱଜିତ ଭାଇ) — ୦୯:୪୭ - ୦୯:୫୩
୮) ଅଭିମତ ଓ ଅନୁଭୂତି (ରବି ଭାଇ) — ୦୯:୫୩ - ୦୯:୫୬
୯) ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା (ରବି ଭାଇ) — ୦୯:୫୬- ୦୯:୫୭
୧୦) ଆଗାମି ସମ୍ମିଳନୀ ପାଇଁ ନିମନ୍ତ୍ରଣ (୦୮-୩୧-୨୦୦୨, ଜ୍ଞାନ ଭାଇ) — ୦୯:୫୭ - ୦୯:୫୮
୧୧) ଶେଷ ପ୍ରାର୍ଥନା ସଙ୍ଗୀତ (ବାଞ୍ଛା-କଳ୍ପତରୁ ଦେବ ) — ୦୯:୫୮ - ୧୦:୦୪
୧୨) ଜୟଗୁରୁ ନାମ କିର୍ତ୍ତନ ପରେ ପରଦା ପତନ — ୦୯:୫୮ - ୧୦:୦୫

## Program for the forteenth session

Date: August 22, 2002

Time: 09:30 pm-10.00 pm (eastern)/ 08:30pm-9:00pm (Central)/06:30 pm-07:00pm (Pacific)

1. Connect everyone through Phone — 09:30 - 09:32
2. Gurbastakan — 09:32 - 09:34
3. Shri Guru Panam — 09:34 - 09:36
4. Gurugita Patha (Sloka 9, Pruthwiraj Bhai) — 09:36 - 09:38
5. Nigama Upadesha (Page 1-4, Deepti Maa) — 09:38 - 09:42
6. Song ( dha'nya dha'nya guru deba, Leena Maa) — 09:42 - 09:47
7. Gurugita Patha (Page 19-24, Biswajit Bhai) — 09:47 - 09:53
8. Abhimata o Anubhuti (Rabi Bhai) — 09:53 - 09:56
9. Truti bichyuti (Rabi Bhai) — 09:56 - 09:57
10.Invitation for Sammilani (08-31-2002, Gyan Bhai) — 09:57 - 09:58
11 Bancha k'lpa taru deba — 09:58 - 10:04
12 Jayaguru Naama — 10:04 - 10:05

## ଗୁର୍ବଷ୍ଟକଂ

ଭବବନ୍ଧନ ମୋଚନ ପୂଜ୍ୟ ବରମ୍
ଗୁଣହୀନମଶେଷ ଗୁଣାଧିପତିମ୍
ଭବଭୀରୁ ଜନେ ସତତଂ ବରଦମ୍
ପ୍ରଣମାମି ଗୁରୁଂ ଶିବ-କଳ୍ପତରୁମ୍ ।୧।

## ଶ୍ରୀ ଶ୍ରୀ ଗୁରୁ ପ୍ରଣାମ

ଓଁ ବ୍ରହ୍ମାନନ୍ଦଂ ପରମ ସୁଖଦଂ କେବଳଂ ଜ୍ଞାନ ମୂର୍ତ୍ତିମ୍ ।
ଦ୍ୱନ୍ଦାତୀତଂ ଗଗନ ସଦୃଶଂ ତତ୍ତ୍ୱମସ୍ୟାଦି ଲକ୍ଷ୍ୟମ୍ ।

ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତଂ ।
ଭାବାତୀତଂ ତ୍ରିଗୁଣ ରହିତଂ ସଦ୍‌ଗୁରୁଂ ତଂ ନମାମି ।

## ପ୍ରାର୍ଥନା ସଙ୍ଗୀତ

(ଧନ୍ୟ ଧନ୍ୟ ଗୁରୁଦେବ)

ଧନ୍ୟ ଧନ୍ୟ ଗୁରୁଦେବ ଶ୍ରୀନିଗମାନନ୍ଦ
ବିତରିଗଲ ଭକତେ ଅତୁଳ ଆନନ୍ଦ
ତୁମ ଉପଦେଶ ଯେତେ
ହେଉ ଜୀବନର ଚିର ସାଥୀ ଏ ମରତେ ।୧।

ବିଧିବରେ ଭାଗ୍ୟବନ୍ତ ଜନନୀ ପିଅର
ରଖିଲେ ନଳିନୀକାନ୍ତ ନାମଟି ତୁମର
ତୁମେ ଧରାକୁ ଆସିଲ
ଭକତି କମଳ ଜୀବ ମନେ ଫୁଟାଇଲ ।୨।

ପିନ୍ଧି ଡୋର କଉପିନି କଣ୍ଠେ ବାନ୍ଧି ମାଳି
ଭକତି ବିହୁନେ ମିଳିବେ କି ବନମାଳି
ଶିଖାଇଲ ତୁମେ ଜନେ
ଘରେ ବସି ଡାକଦେଲେ ମିଳିବେ ସେ ଦିନେ ।୩।

ଆଖି ଆଗେ ସିନା ତୁମ ମର ଦେହ ନାହିଁ
କଥା କହୁଅଛ ତୁମେ ପାଶେ ପାଶେ ରହି
ମନ ପୁରାଇ ଡାକିଲେ
ଆଖି ପିଛୁଳାକେ ଆସି ଦେଖା ଦିଅ ଭଲେ ।୪।

ଥାଅ ପଛେ ଦୂରେ ତୁମ ଉପଦେଶ ବାଣୀ
ଶୁଭୁଥାଉ କାନେ କାନେ ଏତିକି ମାଗୁଣି
ଜୟ ହେ ଚିର ଅମର
ଘେନା କର ଚରଣରେ ଭକତି ଜୁହାର ।୫।

# ଶେଷ ପ୍ରାର୍ଥନା ସଙ୍ଗୀତ

(ବାଞ୍ଛା-କଳ୍ପତରୁ ଦେବ)

ବାଞ୍ଛା-କଳ୍ପତରୁ ଦେବ ! ହେ ଜଗଦାଧାର
ଶ୍ରୀପଦ-କମଳେ ନାଥ ଘେନ ନମସ୍କାର
ଏବେ ଦିବା ଅବସାନେ
କରିଛି ଯେତେକ ତ୍ରୁଟି ଜଣାଏଁ ଚରଣେ ।୧।

ତ୍ରୁଟିଶୂନ୍ୟ ହେବାପାଇଁ କଲେ ହେଁ ପ୍ରୟାସ
ତଥାପି ପାରିଲି ନାହିଁ ହୋଇ ନିଷ୍କଳୁଷ
ମୋହ ବାତାବର୍ତ୍ତେ ପଡି
ବହୁବାର ନାଥ ମୁହିଁ ଗଲି ପଥ ହୁଡି ।୨।

ତବ ନାମ ଧ୍ରୁବତାରା ଦେଖାଇଲା ପଥ
ନିରାଶ ପରାଣେ କଲା ଆଶାର ସଞ୍ଜାତ
ଦେବ ! ତବ ଜୟଗାନ
ଅକୂଳ ସାଗରେ ଦେଲା କୂଳର ସନ୍ଧାନ ।୩।

ଆଶ୍ରି ନ ଥାନ୍ତି ଯେବେ ମୁଁ ତବ ଶ୍ରୀଚରଣ
କର୍ମର କୁଟୀଳାବର୍ତ୍ତେ ଯାଇଥାନ୍ତା ପ୍ରାଣ
ଦେବ ! ସର୍ବଶକ୍ତିମାନ
ସର୍ବବାଧା ଲଙ୍ଘିବାକୁ ଦିଅ ଶକ୍ତିଦାନ ।୪।

ହୋଇଛି ଆଜି କର୍ତ୍ତବ୍ୟେ ଯେଉଁ ତ୍ରୁଟିମାନ
ଭବିଷ୍ୟତେ ନୋହୁ ତାର ପୁନରାବର୍ତ୍ତନ
କର୍ମ ଶେଷେ ଏ ପ୍ରାର୍ଥନା
ଚରଣ କମଳେ ନାଥ ! ହେଉ ବାରେ ଘେନା ।୫।